# ଟାଙ୍ଗରପଡ଼ାର ସଙ୍କେତ

୨୧/୧୧/୨୦୦୪

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଗତକାଲି ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଆଇ.ଡି.ସି. ଏବଂ ଜିନ୍ଦଲ କମ୍ପାନୀ ମଧ୍ୟରେ ହୋଇଥିବା ଏକ ବ୍ୟାବସାୟିକ ଚୁକ୍ତିନାମାକୁ ରଦ୍ଦ କରିଦେଇଛନ୍ତି। ସରକାରୀ ଉଦ୍ୟୋଗର ଏକ ବ୍ୟାବସାୟିକ ଚୁକ୍ତିନାମା ଉଚ୍ଚ ନ୍ୟାୟାଳୟ ଦ୍ୱାରା ରଦ୍ଦ ହୋଇଯିବା ଘଟଣା ବିଶେଷ ଉଲ୍ଲେଖର ଅପେକ୍ଷା ରଖନ୍ତା ନାହିଁ। କିନ୍ତୁ ମାନ୍ୟବର ମୁଖ୍ୟ ବିଚାରପତି ଚୁକ୍ତିନାମାକୁ ବାତିଲ୍ କରିବାକୁ ଯାଇ ଯେଉଁ ସବୁ ଯୁକ୍ତିର ଅବତାରଣା କରିଛନ୍ତି, ସରକାରୀ କର୍ତ୍ତୃପକ୍ଷଙ୍କର ଭୂମିକା ଏବଂ ଆଚରଣର ଯେଉଁ ଆକଳନ କରିଛନ୍ତି ତାହା ଆମକୁ ଅଧିକ ବିବ୍ରତ କରୁଛି। ଆମ ବ୍ୟବସ୍ଥା ଯେ ଏତେ ତଳକୁ ଖସିଗଲାଣି ତାହା ସମୁଦାୟ ବ୍ୟାପାରଟିକୁ ଟିକିଏ ତଳେଇ ନ ଦେଖିଲେ ଅନୁଭବ କରିହେବନାହିଁ।

ବହୁଦିନରୁ ପଡ଼ି ରହିଥିବା ଟାଙ୍ଗରପଡ଼ା ଖଣି ଅଞ୍ଚଳକୁ କାର୍ଯ୍ୟକ୍ଷମ କରିବା ପାଇଁ ଆଇ.ଡି.ସି. କର୍ତ୍ତୃପକ୍ଷ ଅର୍ଥବଳ ଏବଂ ଆବଶ୍ୟକ ଅନୁଭବ ଥିବା ଜଣେ ସହଯୋଗୀଙ୍କୁ ଖୋଜିଲେ। ସେଥିପାଇଁ ଖୋଲା ଟେଣ୍ଡର ଆହ୍ୱାନ କଲେ। ଜିନ୍ଦଲ୍, ଟାଟା ଏବଂ ଭିସା ଏହିପରି ତିନୋଟି କମ୍ପାନୀ ଏଥିରେ ଭାଗ ନେଲେ। ଦୁଇଟି ପର୍ଯାୟରେ ଏମାନଙ୍କର ଯୋଗ୍ୟତାକୁ ବିଚାର କରିବା ପାଇଁ ବ୍ୟବସ୍ଥା ହେଲା। ପ୍ରଥମ ଟେକ୍ନିକାଲ୍ ପର୍ଯ୍ୟାୟରେ ଟାଟା ଏବଂ ଭିସା କମ୍ପାନୀକୁ ଅଯୋଗ୍ୟ ଘୋଷିତ କରି ଦ୍ୱିତୀୟ ପର୍ଯ୍ୟାୟର ବିଚାରରୁ ବାଦ୍ ଦିଆଗଲା। ଶେଷରେ ଜିନ୍ଦଲ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷରିତ ହେଲା।

ଜିନ୍ଦଲ କମ୍ପାନୀ ସହିତ ହୋଇଥିବା ଚୁକ୍ତି ପଛରେ ବଡ଼ ଧରଣର ଲାଞ୍ଚ କାରବାର ହୋଇଛି ବୋଲି ବିରୋଧୀ ଦଳ ଦୁର୍ନୀତି ଅଭିଯୋଗ ଆଣିଲେ। ଓଡ଼ିଶା ବିଧାନସଭା ଏପରି ଗୁରୁତର ଅଭିଯୋଗର ତଦନ୍ତ ପାଇଁ ଏକ ଗୃହ କମିଟି ଗଠନ କଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ, ଏହି ଚୁକ୍ତିନାମାକୁ ସରକାରୀ ଅନୁମୋଦନ ଦେଇଥିବା ଖୋଦ ଶିଳ୍ପମନ୍ତ୍ରୀ ଏହି ଗୃହ କମିଟିର ଅଧ୍ୟକ୍ଷ ହେଲେ। ଗୃହ କମିଟି କିନ୍ତୁ ନିୟମିତ ଭାବେ ବସିପାରିଲାନାହିଁ। ବିଭିନ୍ନ ଆଳ ଦେଖାଇ ସଦସ୍ୟମାନେ ଅନୁପସ୍ଥିତ ରହିବାରୁ କେତେବେଳେ କୋରମ୍ ହେଲାନାହିଁ ତ କେତେବେଳେ ଅନ୍ୟତମ ସରକାରୀ ଦଳର ସଦସ୍ୟ ଦେବାଶିଷ ନାୟକଙ୍କର ସ୍ପର୍ଶକାତର ଚିଠିକୁ ଶିଳ୍ପମନ୍ତ୍ରୀ ଏଡ଼େଇ ଗଲେ। ଶେଷରେ ବିଧାନସଭାର କାର୍ଯ୍ୟକାଳ ସରିଗଲା ପଛେ, ଗୃହ କମିଟି ତା'ର ରିପୋର୍ଟ ଦେଇପାରିଲାନାହିଁ। ଟିସ୍କୋ ଓ ଭିସା କମ୍ପାନୀ ବାଧ୍ୟ ହୋଇ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଲେ। ସରକାରୀ କର୍ତ୍ତୃପକ୍ଷ ଆମ ବିଧି ବ୍ୟବସ୍ଥାର ମୌଳିକ ପରମ୍ପରାକୁ ଉଲ୍ଲଂଘନ କରିଛନ୍ତି, ଜିନ୍ଦଲ କମ୍ପାନୀକୁ ଯୋଗ୍ୟ ଏବଂ ଟାଟା ଓ ଭିସା କମ୍ପାନୀକୁ ଅଯୋଗ୍ୟ ଘୋଷିତ କଲାବେଳେ ଦୋମୁହାଁ ନୀତି ଅବଲମ୍ବନ କରାଯାଇଛି ଏବଂ ବ୍ୟାବସାୟିକ ଚୁକ୍ତି ସମ୍ପାଦନ କଲାବେଳେ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଛି ବୋଲି ମୁଖ୍ୟ ବିଚାରପତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି।

## ଆମ ଘରର ହାଲ୍‌ଚାଲ୍

### ସୌମ୍ୟରଂଜନ ପଟ୍ଟନାୟକ

ଏଠି ଦୁଇଟି ପ୍ରସଙ୍ଗ ଅଧିକ ଆଲୋଚନାର ଅପେକ୍ଷା ରଖୁଛି। ପ୍ରଥମଟି ହେଲା - ଏବେ ପ୍ରାୟତଃ ଦେଖାଯାଉଛି, ଯେ ଅନେକ କ୍ଷେତ୍ରରେ ନ୍ୟାୟାଳୟ ଏବଂ ବିଧାନସଭା ମୁକାବିଲାମୂଳକ ମନୋଭାବ ପୋଷଣ କରି ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। କାହାର ଅଧିକାର ଅଧିକ, କିଏ ବଡ଼ ଏବଂ କିଏ ଛୋଟ, ଏ ନେଇ ବିବାଦ ମୁଣ୍ଡ ଟେକୁଛି। ଏଇଠି ଲକ୍ଷ୍ୟ କରିବାର କଥା ଯେ ବିଧାନସଭାର ଗୃହ କମିଟି ଯଦି ଠିକ ସମୟରେ ତାଙ୍କର ତଦନ୍ତ କରି ରିପୋର୍ଟ ଦେଇପାରିଥାନ୍ତେ ତେବେ କମ୍ପାନୀଗୁଡ଼ିକ ହାଇକୋର୍ଟର ଦ୍ୱାରସ୍ଥ ହେବାର ଆବଶ୍ୟକତା ପଡ଼ିନଥାନ୍ତା। କିନ୍ତୁ ଏ କ୍ଷେତ୍ରରେ ସ୍ପଷ୍ଟ ପ୍ରମାଣିତ ହେଲା ଯେ ନ୍ୟାୟପାଳିକା ଓଡ଼ିଶାର ସ୍ୱାର୍ଥରକ୍ଷା ଦିଗରେ ଯେତିକି ତତ୍ପରତା ପ୍ରକାଶ କଲେ, ଆମର ବିଧାନସଭା ସେତିକି ଯତ୍ନବାନ ହୋଇପାରିଲେ ନାହିଁ। ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏହାଠାରୁ ଆଉ ଅଧିକ ବିପଦ କ'ଣ ହୋଇପାରେ? ଦ୍ୱିତୀୟ କଥାଟି ହେଲା- ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ବିରୋଧରେ ଯେତେଗୁଡ଼ିଏ ଦୁର୍ନୀତି ଅଭିଯୋଗ ବିଧାନସଭା ଭିତରେ ଏବଂ ବାହାରେ ଉଠିଛି ସେ ସବୁର କେବଳ ଗୋଟିଏ ଉତ୍ତର ଦେଇ ଆସିଛନ୍ତି। ବିରୋଧୀ ଦଳ ଏଠି ପାଟି କରିବା ପରିବର୍ତ୍ତେ କୋର୍ଟକୁ ଯାଉନାହାନ୍ତି କାହିଁକି? ଏଠି ପ୍ରଶ୍ନ ଉଠୁଛି, ଉଚ୍ଚ ନ୍ୟାୟାଳୟର ଏ ପ୍ରକାର ରାୟ ପରିପ୍ରେକ୍ଷୀରେ ସେ କି ଉତ୍ତର ଦେବେ? ଏବଂ ତତ୍କାଳୀନ ଆଇଡିସି କର୍ତ୍ତୃପକ୍ଷ, ପ୍ରଶାସକ ଏବଂ ଶିଳ୍ପମନ୍ତ୍ରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ?

ହାଇକୋର୍ଟର ରାୟ ଦୃଷ୍ଟିରୁ ବିବାଦୀୟ ବେଦାନ୍ତ ମାମଲା ମଧ୍ୟ ଅଧିକ ସ୍ପର୍ଶକାତର ହୋଇଉଠିଛି। ଟାଙ୍ଗରପଡ଼ାରେ ତ ଲୋକଦେଖାଣିଆ ହେଉ ପଛେ ଏକ ଖୋଲା ଟେଣ୍ଡର ଆହ୍ୱାନ କରାଯାଇଥିଲା। ବେଦାନ୍ତ ବ୍ୟାପାରରେ କିନ୍ତୁ ଟେଣ୍ଡର କଥା ଉଠିଲାନାହିଁ। ହୁଏତ ଟାଙ୍ଗରପଡ଼ା ବିବାଦରୁ ଶିକ୍ଷାଲାଭ କରି ମୂଳୁ ମାଇଲେ ଯିବ ସରି ନ୍ୟାୟରେ ଓଏମ୍‌ସି ନିଜେ ଆବେଦନ କରି ପାଇବାକୁ ଥିବା ମୂଲ୍ୟବାନ୍ ବକ୍‌ସାଇଟ୍ ଖଣିକୁ ବେଦାନ୍ତ କମ୍ପାନୀ ହାତରେ ଟେକିଦେଲେ। କାଲି ଯଦି ପୁଣି କିଏ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ସରକାରଙ୍କର କି ଅବସ୍ଥା ହେବ?

ସମୁଦାୟ ବ୍ୟାପାରରେ ଆଉ ଗୋଟିଏ ପ୍ରସଙ୍ଗ ଆମକୁ ଅଧିକ ଆନ୍ଦୋଳିତ କରୁଛି। ଓଡ଼ିଶାର ସମ୍ପଦକୁ କିପରି କାହା ସ୍ୱାର୍ଥରେ ଏବଂ କେଉଁ ନ୍ୟାୟରେ ବିନିଯୋଗ କରାଯିବ? ଓଡ଼ିଶା ଗୋଟିଏ ଦରିଦ୍ର ରାଜ୍ୟ। କିନ୍ତୁ ଜଗନ୍ନାଥଙ୍କ କୃପାରୁ ଏହାର ଭୂଇଁ ତଳେ, ଭୂଇଁ ଉପରେ ଏବଂ ଭୂଇଁ କଡ଼ରେ ଯଥେଷ୍ଟ ମୂଲ୍ୟବାନ୍ ସମ୍ପଦ ଆମକୁ ମିଳିଛି। ଭୂଇଁ ଉପରେ ଥିବା ଜଙ୍ଗଲ ଏବଂ ଅମୂଲ୍ୟ ବନଜାତ ଦ୍ରବ୍ୟକୁ ଆମେ ଲୁଟି ସାରିଲୁଣି। ଭୂଇଁ କଡ଼ରେ ଆବଶ୍ୟକ ପଡୁଥିବା ବନ୍ଦର ପରି ଭିତ୍ତିଭୂମିର ନିର୍ମାଣ ପାଇଁ ଆମେ ଯତ୍ନବାନ୍ ନୋହୁଁ। ବାକି ରହିଛି ଭୂଇଁ ତଳର ଖଣିଜ ସମ୍ପଦ କଥା। ଲୁହାପଥର ବକ୍‌ସାଇଟ୍, ମାଙ୍ଗାନିଜ୍ ଏବଂ କୋଇଲା ସାଙ୍ଗକୁ ଭାରତର କ୍ରୋମ୍ ପଥରର ୯୮ ଭାଗ ଆମ ଓଡ଼ିଶାରେ ଅଛି। ଆମେ କାଙ୍ଗାଳିଆ ନେତାମାନେ ଥରେ କୌଣସି ଉପାୟରେ କ୍ଷମତାକୁ ଆସିଲୁ ବୋଲି ହଜାର ହଜାର ବର୍ଷର ଗଚ୍ଛିତ ଖଣିଜ ସମ୍ପଦକୁ କିଛି କୋଟି ଟଙ୍କା ଲାଞ୍ଚ ବିନିମୟରେ ଯଦି ଅନ୍ୟ ହାତରେ ଟେକିଦେବା ତାହାହେଲେ ସେ ଜାତି ଦ୍ରୋହର ବିଚାର କରିବ କିଏ? ଗୋଟିକ ପରେ ଗୋଟିଏ ଖଣି ଦୁର୍ନୀତି ଆଉ ଗୋଟିଏ ଜଟିଳ ପ୍ରଶ୍ନର ଉତ୍ତର ଖୋଜିବାରେ ସହାୟକ ହୋଇଛି। ନବୀନବାବୁ ନିଜକୁ ଦୁର୍ନୀତିମୁକ୍ତ ବୋଲି ପ୍ରଚାର କରିବାରେ କିଛିଟା ସଫଳ ହୋଇଛନ୍ତି। ହେଲେ ଗତ ନିର୍ବାଚନରେ ଯେଉଁ କୋଟି କୋଟି ଟଙ୍କା ସେ ଖର୍ଚ୍ଚ କଲେ ତାହା ସେ କେଉଁଠୁ ଆଣିଥିଲେ? ଏପରି ଏକ ପ୍ରଶ୍ନ ତାଙ୍କର କର୍ମୀମାନଙ୍କୁ ମଧ୍ୟ ଆନ୍ଦୋଳିତ କରୁଥିଲା। ଏବେ କିନ୍ତୁ ତାହାର ଉତ୍ତର ମିଳିଲାଣି। ନବୀନବାବୁଙ୍କର ଖଣି କାରବାର ପଛରେ ଶହ ଶହ କୋଟି ଟଙ୍କାର ଲାଞ୍ଚ କାରବାର ମଧ୍ୟ ହୋଇଛି। ତା' ନ ହୋଇଥିଲେ ଏପରି ଆଖିବୁଜା ଅନିୟମିତତା କାହିଁକି?